# କଳା କାଇଁଚ

ଜୟଦେବ ସିଂ



# କଳା କାଇଁଚ

(ଭକ୍ତି ସଂଗୀତ)

## ଦ୍ୱିତୀୟ ସଂସ୍କରଣ

ରଚନା
**ଜୟଦେବ ସିଂ**
(ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ)
ଦୂରଭାଷ - ୯୪୩୭୫ ୭୭୩୪୯

# କଳା କାଇଁଚ
(ଭକ୍ତି ସଂଗୀତ)

ରଚନା
**ଶ୍ରୀ ଜୟଦେବ ସିଂ**
ଜନ୍ମସ୍ଥାନ - ହରିହରପୁର, ଶରଣକୁଳ, ନୟାଗଡ଼
କର୍ମସ୍ଥାନ - ରାୟଗଡ଼ା ଶିକ୍ଷାଜିଲ୍ଲା ।

ପ୍ରକାଶିକା
**ଶ୍ରୀମତୀ ଜୟନ୍ତୀ ସିଂ**

ପ୍ରଥମ ପ୍ରକାଶନ - ୨୦୦୫
**ଧୃତିଦୀପନ ଅଫସେଟ୍ ପ୍ରେସ**
ରାୟଗଡ଼ା

ଦ୍ୱିତୀୟ ସଂସ୍କରଣ - ୨୦୧୬
ଡି.ଟି.ପି. ଓ ଅକ୍ଷର ମୁଦ୍ରା
**ଶ୍ରୀ ହନୁମାନ କମ୍ପ୍ୟୁଟର୍ସ,**
ରାୟଗଡ଼ା

ମୂଲ୍ୟ - ଟ. ୩୦.୦୦ ମାତ୍ର

# ଶିବବାବା

ବିଶ୍ୱ ବିଧାତା ଜଗତର ନାଥ ଜଗନ୍ନାଥଙ୍କ ଅଶେଷ କୃପା ତଥା ପିତାମାତାଙ୍କ ଆଶିର୍ବାଦ ଓ ପରିବାରର ଉତ୍ସାହ ଉଦ୍ଦୀପନା ନେଇ ଭକ୍ତି ସଂଗୀତ "କଳା କାଇଁଚ" ପ୍ରକାଶିତ । ତାହା ଆପଣଙ୍କ ହୃଦୟକୁ କିପରି ଛୁଇଁଛି ମୁଁ ଜାଣିନି ତଥାପି ତା'ର ଦ୍ୱିତୀୟ ସଂସ୍କରଣ ଲୋକାର୍ପଣ ପୂର୍ବକ ପ୍ରିୟ ପାଠକ/ପାଠୀକାଙ୍କୁ ହାର୍ଦ୍ଦିକ କୃତଜ୍ଞତା ସହ ସଶ୍ରଦ୍ଧ ମତାମତ ଅପେକ୍ଷାରେ..........

ଆପଣଙ୍କ

ଜୟଦେବ

# କାର୍ଯ୍ୟସୂଚୀ


| କ୍ର.ନଂ. | ବିଷୟ | ପୃଷ୍ଠା | କ୍ର.ନଂ. | ବିଷୟ | ପୃଷ୍ଠା |
|---|---|---|---|---|---|
| ୧. | ରାଧାମାଧବ | ୧ | ୨୬. | ଆରେ ମନୁଆଭାଇ | ୨୬ |
| ୨. | ଜଗାରେ | ୨ | ୨୭. | ଆସ | ୨୭ |
| ୩. | ବନ୍ଧୁରେ | ୩ | ୨୮. | ତୋ ବଡ଼ ଦେଉଳ ଗଢ଼ା | ୨୮ |
| ୪. | ରେ ମନୁଆବାଇ | ୪ | ୨୯. | ଜଗନ୍ନାଥ ହେ | ୨୯ |
| ୫. | ଆରେ ଭୁଲାମନ | ୫ | ୩୦. | କାଳିଆରେ | ୩୦ |
| ୬. | ଦୀନବାନ୍ଧବ ହେ | ୬ | ୩୧. | ବିଶ୍ୱଠାକୁର | ୩୧ |
| ୭. | ଆଉ କେତେ ଦିନ | ୭ | ୩୨. | ମିଛମାୟା | ୩୨ |
| ୮. | ସଖିରେ | ୮ | ୩୩. | ଯାଆନାରେ | ୩୩ |
| ୯. | ତୁମ ବଡ଼ ଦାଣ୍ଡେ | ୯ | ୩୪. | ରଙ୍ଗିଆ ସେ ଭାବ | ୩୪ |
| ୧୦. | ମାଗିଥିଲି ପ୍ରଭୁ | ୧୦ | ୩୫. | ଜଗନ୍ନାଥ ହେ ତୁମେ | ୩୫ |
| ୧୧. | କହରେ ଜଗା | ୧୧ | ୩୬. | ପ୍ରଭୁହେ | ୩୬ |
| ୧୨. | ତୁମେ ମାଧବ | ୧୨ | ୩୭. | କେତେ ଆଶା ନେଇ | ୩୭ |
| ୧୩. | ଆହେ ଜଗନ୍ନାଥ କର ଦସ୍ତଖତ | ୧୨ | ୩୮. | ଦୁରିପଡ଼ିଛି | ୩୮ |
| ୧୪. | ତୁମ ମନ୍ଦିର ବେଢାରେ | ୧୩ | ୩୯. | ମନପକ୍ଷୀରେ | ୩୯ |
| ୧୫. | ଥରେ ନେରେ କାଳିଆ | ୧୪ | ୪୦. | ଭଜରେ ମନ | ୪୦ |
| ୧୬. | ନୀଳାଦ୍ରୀ ବିହାରୀ | ୧୫ | ୪୧. | ଆରତୀ ବେଳେ | ୪୧ |
| ୧୭. | କଳାଠାକୁର | ୧୭ | ୪୨. | ଆରେ ମୂଢ଼ ମନ | ୪୨ |
| ୧୮. | ବଡ଼ଠାକ କଳାଠାକୁର | ୧୮ | ୪୩. | କାଳିଆରେ ଟିକି | ୪୩ |
| ୧୯. | ଦୂରରୁଘେନ ଜୁହାର | ୧୯ | ୪୪. | କି ଲୀଳା ଲଗାଇଛ | ୪୪ |
| ୨୦. | ବନ୍ଧୁରେ ଆଜି | ୨୦ | ୪୫. | ଆହେ ଜଗନ୍ନାଥ ମୋତେ | ୪୫ |
| ୨୧. | ସବୁ ତୁମରି ଭିଆଣ | ୨୧ | ୪୬. | ବନ୍ଧୁ ଦୂରରୁ | ୪୬ |
| ୨୨. | ଯେତେ ଦୁଃଖ ଦେ ପଛେ | ୨୨ | ୪୭. | କେତେ ଦିନକୁ | ୪୭ |
| ୨୩. | ଆରେ ମନୁଆ | ୨୩ | ୪୮. | ତୁମରି ଚରଣ ତଳେ | ୪୮ |
| ୨୪. | ଆହେ କଳାଶ୍ରୀମୁଖ | ୨୪ | ୪୯. | ଅନ୍ଧ ମୁଁ ଆଜି | ୪୯ |
| ୨୫. | ଆହେ କଳାଠାକୁର | ୨୫ | ୫୦. | କାହିଁକି ଆସିଲୁ ଛାଡି | ୫୦ |

## ରାଧା ମାଧବ

ରାଧା ମାଧବ   ଗୋବିନ୍ଦ କେଶବ
କନ୍‌ସାରି ଦଇତାରୀ ।
ନନ୍ଦ ନନ୍ଦନ   ଯଶୋମତୀ ଧନ
ଗିରୀ ଗୋବର୍ଦ୍ଧନ ଧାରୀ.......... ।୧ ।
ବକା ଅଘା ମାରି   ହୀରଣ୍ୟ ବିଦାରି
ପ୍ରହଲ୍ଲାଦ ରକ୍ଷାକାରୀ
ଅର୍ଜୁନ ରଥରେ   ସାରିଥି ରୂପରେ
କୌରବ କୁଳ ସଂହାରୀ .......... ।୨।
ପୁତନା ଅସୁରୀ   ଥିଲା କୋଳେ ଧରି
କୂଟ ନଜାଣି ତୁମରି
କ୍ଷୀର ଶୋଷି ତାର   ପ୍ରାଣକୁ ନାଶିଲ
କାଳକ ରୂପରେ ଶ୍ରୀହରି .......... ।୩।
ବ୍ରଜବାଳୀ ପୁରେ   ରହସ୍ୟ ରଙ୍ଗରେ
ନାଚୁ ଥାଅ ବେଣୁ ଧରି ।
ସୁଦାମା ଖୁଦରେ   ବିଦୁର ଶାଗରେ
ପୁରିଛି ପେଟ ତୁମରି .......... ।୪।
କାକୁ ମାରି ତାରି   ମିତ୍ର ହୋଇ ହରି
ମୋକ୍ଷ କରିଛ ମୁରାରୀ
ଜୟଦେବ ଡ଼ାକେ   ଆହେ ବଂଶିଧାରୀ
ଏସଂସାରୁ କର ପାରି .......... ॥
ଜଗାରେ ..........

## ଜଗାରେ

ଗ୍ଲ ଜଗାରେ....
ଆସିଛି ମୁଁ ତୋର
        ଯାତରା ଦେଖି
ଭଲ ଭାବୁଛୁକି
        ମନ୍ଦତୁ ଭାବୁଛୁ
ନେବୁ ନାହିଁକିରେ ପାଖକୁ ଡାକି
ଆସିଛି ମୁଁ ତୋ ....... ।୦।

ଏତେ ଦିନ ମୋର
        ମନେ ପଡ଼ିଲା
ତୋତେ ଦେଖିବାକୁ
        ମନ ବଳିଲା
ବହଳା ମୁହଁରେ    ଆସି ଅଛି ଧାଇଁ
        ସତେ କଣ ପର
        କରିଦେବକୁ କି ....... ।୧।

ଏତେ ଦୁରୁ ବାଟୁ
        ଆସିଛି ଚାଲି
ତୋ ଠାରେ
        ଶରଧା ବଳିଛି ବୋଲି
ଗୋଡ଼ରେ ଆଡ଼େଇ
        ଦେଲେରେ ତୁ ଜଗା
ତୋ ଦୂଆରେ
ଦେବି ମଥା ପିଟିକି ....... ।୨।

ଏହି ନିବେଦନ
        ତୋର ପାଶରେ
ବାନ୍ଧି ରଖେ ମୋତେ
        ପ୍ରେମ ପାଂଶରେ
ସଂଜ ସକାଳର
ଘେନି ମୋ ପ୍ରଣତି
ଲୟ ରଖିଥିବୁ ଜୟ ପାପିକି ....... ।୩।

## ବନ୍ଧୁରେ ..........

ବନ୍ଧୁରେ ................ ବନ୍ଧୁ
ଚାଲଯିବା ଦେଖି ଜଗବନ୍ଧୁ
ସେହି ବ୍ରଜବନ୍ଧୁ ସେ କରୁଣା ସିନ୍ଧୁ
ସେହି ପରା ଦରିଦ୍ରର ବନ୍ଧୁ ............।୦।

କହନ୍ତି ସକଳେ ତାକୁ ପତିତପାବନ
ସବୁରି ପରାଣ ଲାଗି ଖଞ୍ଜାଏ ସେ ଅନ୍ନ
ସେହିପରା ............
ଜୀବନର ବନ୍ଧୁ
ସେ ପରାଣ ବନ୍ଧୁ ............।୧।

ସବୁରି ପାଖରେ ସିଏ ଜଗତ ନାଥ
ସକଳ କଣ୍ଠରୁ ଶୁଭେ ଜୟ ଜଗନ୍ନାଥ
ସେହିପରା ............
ଭକତର ବନ୍ଧୁ
ସେ ବନ୍ଧୁର ବନ୍ଧୁ ............।୨।

ସବୁରି ନୟନେ ପରା ସେ ଚକାନୟନ
ସଭିଏଁ କରନ୍ତି ତା ର ଗୁଣ କିର୍ତ୍ତିନ
ସେହିପରା ............
ବାଉରୀର ବନ୍ଧୁ
ସେ ଅରକ୍ଷିତ ବନ୍ଧୁ ............।୩।

ଦୁଃଖ ହାରୀ ନାମେ ଜାଣେ ଜଗତ
ତା ର ଦରଶନ ଲାଗି କାନ୍ଦେ ଭକତ
ସେହିପରା .............
ଦୁଃଖିର ବନ୍ଧୁ
ଅଟେ ଦୀନ ବନ୍ଧୁ............।୪।

## ରେ ମନୁଆ ବାଇ

ରେ ମନୁଆ ବାଇ
ମିଛେ ମୋର ମୋର ହୋଇ
ବିଷୟ଼ ଜାଲରେ ବାନ୍ଧିହୋଇ ତୁହି
ଦିନେ ଛାଡ଼ିବୁ ଏ ମହୀ
ରେ ମନୁଆ .......... ।୦।

ତୋର ତନୁ ମନ ଗର୍ବ ଧନ ପ୍ରାଣ
କିଛିତ ରହିବ ନାହିଁ
ମରଣ ବରଷା ବରଷିବ ଦିନେ
ଗର୍ବ ଛତା ଯିବ ନଇଁ..... ।୧।

ଦୁନିଆ ଜଞ୍ଜାଳ ଅଟଇ ଅନଳ
ସେ ତାପ ସହି ନୁହଁଇ
ଦାରା ସୁତ ଭଗ୍ନି ସହୋଦର ବନ୍ଧୁ
ତୋ ଦେହେ ଜାଳିବେ ଜୁଇ ...।୨।

ପାପ ବିଷ ବଣା ନରକ ଯନ୍ତ୍ରଣା
ସେ ମଧ୍ୟୁ ତରିବା ପାଇଁ
ଜପରେ ତୁ ମନ ଅଜପା ନାମକୁ
ତୋ ପାପ ଯିବ ଉଭେଇ ... ।୩।

ସେହି ପରଂବ୍ରହ୍ମ ଜୀବ ସକଳର
ତା କୃପା ଲଭିବା ପାଇଁ
ଆରେ ମୂଢ଼ ମନ କର ତୁହି ଧ୍ୟାନ
ମୋକ୍ଷ ହୋଇ ଯିବୁ ତୁହି ... ।୪।

## ଆରେ ଭୁଲାମନ

ଆରେ ଭୁଲାମନ
 ମନେପକା ନିଜ କଥା
ତୋର ଗର୍ବ ଦମ୍ଭ
 ଆଣ୍ଟପଣ ଯେତେ
 ଦିନେ ସବୁ ହେବ ବୃଥା .... ।୦।

କିଛି ନେବୁ ନାହିଁ
 କିଛି ଦେବୁ ନାହିଁ
 ଗଲାବେଳେ ଯିବୁ ଏକା
ନିଜ ଲୋକ ତୋର
 ହୋଇବେରେ ପର
ତୋ ଦେବେ ଜାଳିବେ ଚିତା .... ।୧।

ଜାଣି ଶୁଣି କି-।
 ହେଉ ପଥ ବଣା
ପାପ ଘରେ କରୁ ବସା
 ନରକ ଯନ୍ତ୍ରଣା
 ତୋତେ କି ଅଜଣା
ଭାବି ଥରେ ମନେ ପକା .... ।୨।

ତୋର ସୁଶରୀର
 ନୁହେଁ ତୋ ନିଜର
ମେଦ ବୃଦ୍ଧି କରୁ କି-।
ବଳ ବୟସ ତୋ
 ଅଳୀକରେ ବାପ୍ପ
କେହି ନହେବେ ତୋ ସଖା .... ।୩।

ରାଗ ରୋଷ ମିଛ
 ଅଭିମାନେ ତୋର
ଖରାପ ହୋଇବ ମଥା
ଏ ପାପ ସଂସାରୁ
 ହୋଇବାକୁ ମୋକ୍ଷ
ରାମନାମ ସାର ଏକା .... ।୪।

## ଦୀନ ବାନ୍ଧବ ହେ

ଦୀନ ବାନ୍ଧବ ହେ
ଦିନେ ଦୀନେ ଦୟା ନ କଲ
କେଉଁ ଦୋଷେ କ୍ଳେଶ ଦିଅ ଜଗଦୀଶ
ମୋ ପରାଣ ଦୁଃଖେ ଦହିଲ ......।୦।

ଦିନେ ତୁମ ଦ୍ୱାରେ
ଭିକାରୀ ବେଶରେ
ପାତିଥିଲି ହାତ
ବହୁତ ଆଶାରେ
ଖାଲି ହାତେ ଫେରି
ଆସିଲି ସେ ଦିନ
ଦରଶନ ଟିକେ ନଦେଲ ......।୧।

ନଥିଲି ମୁଁ ମାଗି
ହେବା ପାଇଁ ଭୋଗି
କିବା ଧନ ଜନ
ରହିବାକୁ ଜଗି
ଚାହିଁଥିଲି ଖାଲି
ତୁମ ଦରଶନ
ଥରେ ମାତ୍ର କୃପା ନୋହିଲ ......।୨।

ରଘୁ ଦାସ ବନ୍ଧୁ
ହେଲେ ତୁମ ବନ୍ଧୁ
ଉଦ୍ଧାରିଲ ତାକୁ
ଏ ସଂସାର ସିନ୍ଧୁ
କେଉଁ ଦୋଷ ମୋର
ଦେଖି ହେ ଠାକୁର
ମୋ ପାଇଁ କବାଟ କିଳିଲ ......।୩।

ପାରୁ ନାହିଁ ଆଉ
ଆହେ ମହାବାହୁ
ଜୀବନ ଜଞ୍ଜାଳ
ହୋଇଛି ମୋ ରାହୁ
ଦେଖା ଦେଇ ବାରେ
ଧନ୍ୟ କର ଜନ୍ମ
ନହୋଇ ମୋଠାରେ ନିଷ୍ଠୁର......।୪।

## ଆଉ କେତେ ଦିନ

ଆଉ କେତେ ଦିନ  ପତିତ ପାବନ
ଅନାଇ ରହିବି ତୋତେ
ଚାହିଁ ଚାହିଁ ମୋର  ଆଖିର ଲୋତକ
ଝରି ଶୁଖେ ଅବିରତେ.... ।୦।

ତୋ ଦୁଆରେ ବସି  ଡ଼ାକେ ଦିବାନିଶି
ଭରା ଦୁଃଖ ଧରି ବୁକେ
ଦେଖାଦେଇ ବାରେ ନିଅ ଦୁଃଖ ହରି
କରୁଣା କରି ପତିତେ .... ।୧।

ଇଛା ମୋ ଯିବାକୁ  ମନ୍ଦିର ବେଢ଼ାକୁ
ଖୋଳ ଝାଞ୍ଜ ଧରି ହାତେ
ହେଲେ ମୁଁ ପାରେନା ଯାଇ ତୋ ମନ୍ଦିରେ
କୃପା ନାହିଁ ବୋଲି ମୋତେ .... ।୨।

ଗମ୍ଭୀରା ଭିତରେ   ଅତି ଆରାମରେ
ସୁଖ ନିଦ୍ରା ହୁଏ ତୋତେ
ମୁଁ ତୋର ଦୁଆରେ  ଶୀତ କାକାରରେ
ଭୋକ ଶୋଷେ ପଡ଼ି ଡ଼ାକେ ... ।୩।

ତୁହି ସିନା ଭୋଗି   ମୁଁତ ମହାରୋଗି
ମୋ ନାଟିକା ତୋର ହାତେ
ତୋ ନିର୍ମାଲ୍ୟ ପଥି  ହେବ ମୋ ଔଷଧି
ସାଥିତୁ ମୁକତି ପଥେ .... ।୪।

## ସଖିରେ

ସଖିରେ ..........
ଚାଲ ଚାଲ ଯିବ ଦେଖି
କେଉଁ ଦରବରେ
ସେ ମୂରତୀ ଗଢ଼ା
କେତେ ସୁନ୍ଦର ତା ଆଖି .....।୦।

ଦୁଇ ଗୋଡ଼ ଛନ୍ଦି ହାତେ ଧିର ବଂଶୀ
ବାଙ୍କ ନୟନେ ଚାହିଁଛି
ଶ୍ୟାମଳ ଅଂଗରେ ପୀତ ବସ୍ତ୍ର ବେଶ
ମନକୁ ମୋହି ଦେଉଛି .....।୧।
ଗଳେ ସୁନାହାର କାନରେ କୁଣ୍ଡଳ
ମଥାରେ ଚନ୍ଦନ ଟୋପି

କେତେ ଯତନରେ ତା ବାଙ୍କ ଚୁଳରେ
ଖଞ୍ଜିଛି ମୟୂର ପକ୍ଷୀ.....।୨।
ସଜ କୁସୁମରେ ସଜାଇ ରଖିଛି
ତା ଘରର ପରିପାଟୀ
କେତେ ପରିମଳ ତା ଘର ବାହାର
ସୁବାସ ଉଠେ ମହକି .....।୩।

କି ଶାନ୍ତ ସୁନ୍ଦର ନିଜେ ନଟବର
ଗଢ଼ିଛି ନିଜ ମୂରତୀ
ସବୁ ନାଟେ ଥାଇ କେଉଁଠି ନ ରୁହେ
ଅଟେ ସେ ବଡ଼ କପଟି.....।୪।

ଚାଲ ଯିବା ସଖି ତା ଆଖିରେ ଯୋଖି
ରଖିବା ଆମର ଆଖି
ଜୟଦେବ କହେ ତା ର ଦରଶନେ
ମୁକ୍ତହେବ ପ୍ରାଣ ପକ୍ଷୀ .....।୫।

## ତୁମ ବଡ଼ ଦାଣ୍ଡେ

ତୁମ ବଡ଼ ଦାଣ୍ଡେ
ନାମ ଧରି ତୁଣ୍ଡେ
ରୁଣ୍ଡ ହୋଇଛନ୍ତି ଯେତେ ଜନ
ଆହେ ଜନାର୍ଦ୍ଦନ
ଦେଖିବାକୁ ତୁମଶ୍ରୀ ଆନନ .....।୦।

ଭକ୍ତ ଡ଼ାକୁଛନ୍ତି ହରି ହରି
ବଡ଼ଦେଉଳୁ ଆସ ବାହାରି
ତୁମ ଦରଶନ କରିଲେ ନୟନ
ମୁକତି ହୋଇବ ଏ ପରାଣ
ଆହେ ଜନାର୍ଦ୍ଦନ
ଦେଖି ଥରେ ତୁମ ଶ୍ରୀ ଆନନ .....।୧।

ବଡ଼ ଦାଣ୍ଡେ ଶୁଭେ କୋଳାହଳ
ପ୍ରଭୁଆସ ଆଡ଼େଇ ଗହଳ
ପହଣ୍ଡି ବିଜୟେ ଦେଖିଲେ ତୁମକୁ
ଧନ୍ୟକରିବୁ ପାପୀ ଜୀବନ
ଆହେ ଜନାର୍ଦ୍ଦନ
ଦେଖି ଥରେ ତୁମ ଶ୍ରୀ ଆନନ .....।୨।

ଚାହିଁ ରହିଅଛି ନନ୍ଦିଘୋଷ
ମୋହ ଛାଡ଼ି ଆସ ପୀତବାସ
ନନ୍ଦୀଘୋଷେ ବସି
ଟିକେ ଦେଲେ ହସି
ଦୂର ହେବ ସବୁରି କଷଣ
ଆହେ ଜନାର୍ଦ୍ଦନ
ଦେଖି ଥରେ ତୁମ ଶ୍ରୀ ଆନନ .....।୩।

## ମାଗିଥିଲି ପ୍ରଭୁ ......

ମାଗିଥିଲି ପ୍ରଭୁ ତୁମରି କରୁଣା
ନେବାକୁ ଅଞ୍ଜଳି ଭରି
କରୁଣା ବଦଳେ ଲୋତକ ଦେଇଛ
ଯାଇଛି ଅଞ୍ଜଳି ପୁରି .....।୦।

ସେ ଲୋତକ ଯଦି ତୁମରି କରୁଣା
ନେବି ମୁଁ ଅଞ୍ଜଳି ଟେକି
ଦେହେ ସିଞ୍ଚି ହେବି ସେହି ଲୋତକକୁ
ତୁଳସୀ ପାଦୁକ ଭାବି
ହେ କରୁଣା ମୟ ଏ ତୁମ କରୁଣା
ଦିଅ ମୋ ଉପରେ ଢ଼ାଳି .....।୧।

ତୁମ ନାମ ଧରି ଏ ଭବ ସଂସାରେ
ଦିନ ଯାଉ ସରି ସରି
ଲିଭି ଲିଭି ଆସେ ଜୀବନ ସଳିତା
ତୁମ ଦୟାବିନା ହରି
ହେ ମଙ୍ଗଳ ମୟ ନହୋଇ ନିର୍ଦ୍ଦୟ
ବନ୍ଧନରୁ କର ପାରି .....।୨।

## କଳା କାଇଁଚ

### କହରେ ଜଗା .......

କହରେ ଜଗା
 ସତ କହରେ ଜଗା
ଦେବୁକି ଟିକେ ମୋତେ
 ତୋର ଶରଧା .....।୦।

କିଏ ମାଗେ ହୀରା ଲୀଳା
 ଧନ ଦରବ
କେ ମାଗେ ମୋତି ମାଣିକ
 ପୁତ୍ର ସ-ଦ
ମୁଁ ମାଗେ କେବଳେ ଟିକେ
 ତୋ ପ୍ରୀତି ସୁଧା .....।୧।

କିଏ ପୂଜେ ତୋତେ ଜଗା
 ହେବାକୁ ଧନୀ
କେ ଚାହେଁ ସଂସାର ଯାକ
 ଯିବାକୁ ଜିଣି
ମୁଁ ଚାହେଁ କେବଳ ଟିକେ
 ସ୍ନେହ ମମତା .....।୨।

କିଏ ମନାସେ ହେବାକୁ
 ତୋ ବରପୁତ୍ର
କେକରେ ଇଚ୍ଛା ହେବାକୁ
 ତୋହରି ମିତ୍ର
ମୋ ମନ ହେବାକୁ ତୋର
 ଚରଣ ରଙ୍କା .....।୩।

## ତୁମେ ମାଧବ.....

ତୁମେ ମାଧବ          ତୁମେ କେଶବ
ତୁମେ ବାନ୍ଧବ ହେ
ଦୀନ ଦୁଃଖୀ ଜନଙ୍କର ......... ।୦।

ତୁମେ ନାରାୟଣ          ପ୍ରଭୁଭଗବାନ
ଗୋଲକ ବିହାରୀ ପତିତପାବନ
ଚିର ସୁନ୍ଦର ତୁମେ ଧରାର
ତୁମେ ଗନ୍ତାଘର ପରା
ସ୍ନେହ ମମତାର......... ।୧।

ତୁମେ ଦୟାନିଧି          କରୁଣା ବାରିଧି
ମଙ୍ଗଳ ମୟ ଦିଅ ଶୁଭବୁଦ୍ଧି
ତୁମ ଚରଣ          କରେ ବନ୍ଦନ

ପ୍ରଭୁ ପ୍ରଣତି ମୋ ଘେନ
ଜଗତ ଠାକୁର ......... ।୨।

## ଆହେ ଜଗନ୍ନାଥ କର ଦସ୍ତଖତ.............

ଆହେ ଜଗନ୍ନାଥ କର ଦସ୍ତଖତ
ତୁମ ଦସ୍ତଖତେ ହୋଇବ ମଞ୍ଜୁର
ମଞ୍ଜୁର ହେବ ମୋ ଦରଖାସ୍ତ................।୦।

ସେ ଦରଖାସ୍ତେ ନିଜ ଦୁଃଖ
ଜଣାଇଛି ଆହେ କଳାମୁଖ
ନଥି ମଲାଟରେ ନରଖହେଚାପି
ଦୟାବହି କର ମଞ୍ଜୁରତ ................।୧।

ତୁମେ ଯଦି ମନା କରିଦେବ
ଆପତ୍ତି ମୋହର ନଶୁଣିବ
କା ଆଗେ କହିବି ମୋ ଦୁଃଖ ଯାତନା
ବୁଡ଼ି ଯିବ ବୋ ଜୀବନ ପୋତ ..........।୨।

ତୁମ ଅଫିସିର କର୍ମ ଚାରୀ
ମାଗୁଛନ୍ତି ଲାଞ୍ଚ ଲାଜଛାଡ଼ି
ତୁମେ ନିଅ ବୋଲି କିପରି କହିବି
ଯଦି ନେବ ଦେବି ହାତପାତ ............।୩।

ତୁମ ଅଫିସ୍ ଫାଟକ ଦେଶେ
ଦଣ୍ଡାୟ୍ ମାନ ମୁଁ ଭିକ୍ଷୁବେଶେ
କୃପା ଦରଖାସ୍ତ ଧରଯିବା ପାଇଁ
ଜୟଦେବ କରେ ପ୍ରଣିପାତ ..............।୪।

## ତୁମ.......... ମନ୍ଦିର ବେଢ଼ାରେ ହରି ....

ତୁମ..... ମନ୍ଦିର ବେଢ଼ାରେ ହରି
ଖୋଳ ଝାଞ୍ଜ ଧରି କରନ୍ତି କୀର୍ତ୍ତନ
ତୁମ ନାମ ତୁଣ୍ଡେ ଧରି
ତୁମ ମନ୍ଦିର .......।୦।

କିଏ କେତେ ରଙ୍ଗେ ରଙ୍ଗାଏ ତୁମକୁ
ତୁମ ରୂପ ଛବି ଦେଖି
କିଏ କେତେ ସୁରେ ତୁମ ଗୀତେ ମଜେ
ତାଳ ମାନ ଲୟକରି .......।୧।

ଘଣ୍ଟାଘଣ୍ଟାମାଡ଼ କାହାଳି ଶବଦେ
ଦୁଲୁକି ଯାଏ ମନ୍ଦିର
ଖୋଳ ଝାଞ୍ଜ ମାଡ଼ ହରି ଶବଦରେ
ନ ଭାଂଗେ ନିଦ ତୁମର
ଆସହେ ଠାକୁର ରତ୍ନ ବେଦୀ ଛାଡ଼ି
ନନ୍ଦିଘୋଷେ କୃପାକର .......।୨।

ତୁମ ଦରଶନ ପାଇବା ପାଇଁକି
ବଡ଼ ଦାଣ୍ଡେ ହଟ୍ଟ ଗୋଳ
ଭାଇ ଭଗ୍ନି ସାଥେ ଗୁଣ୍ଡିଚା ମନ୍ଦିରେ
ନେବା ପାଇଁ ଆଗଭର
ତୁମ ରଥ ଟାଣି ମୋକ୍ଷ ହେବା ପାଇଁ
ଭକତେ ଛାଡ଼ନ୍ତି ହୁରି .......।୩।

## ଥରେ ନେରେ କାଳିଆ.......

ଥରେ ନେ....ରେ କାଳିଆ
ମୋତେ କୁଣିଆ କରି
ତୋ ଘରକୁ ଯିବି ମୁଁ
ଗଣ୍ଠିଲି ଧରି
ଥରେ ନେ ରେ .................. ।୦।

ଫୁଲ ଚନ୍ଦନ ତୁଳସୀ
ଧୂପ ଦୀପରେ
ରଖିଛି ଖଞ୍ଜି ସାଇତି
ମୋ ଗଣ୍ଠିଲିରେ
ଥୋଇବି ତୋ ପାଦେ ସବୁ
ସଜାଡ଼ି କରି .......।୧।

ନୁହେଁ ମୁଁ ଗ୍ରେର ତସ୍କର
ଦୈତ୍ୟ ଦାନବ
ଆଣିବି ନାହିଁ ତୋ ଘରୁ
ଧନ ଦରବ
କେବଳ ଦେଖିବି ତୋତେ
ନୟନ ଭରି .......।୨।

ଚାହିଁ ଚାହିଁ ତୋତେ
ମୋର ସରୁଛି ଦିନ
କୁଣିଆ ହେବା ମୋ ଭାଗ୍ୟ
ହୁଏ ସପନ
କେବେ ଲଗାଇବୁ ତୋର
କରୁଣା ଡ଼ୋରି .......।୩।
ଥରେ ନେ .......... ରେ............... ।।

## ନୀଳାଦ୍ରିବିହାରୀ ହରିହେ ......

ନୀଳାଦ୍ରି ବିହାରୀ ହରିହେ
ଘେନ ଗୁହାରି ........ ।୦।

ଆହେ ହରି ତୁମେ ସୁନ୍ଦରଭାରି
ସୁନ୍ଦର ପଣରେ କେହେବ ସରି
ଆହେ ମୁରାରୀ ବଇଁଶୀଧାରୀ
ରାଧାମନଚୋର ହେ ଗିରୀଧାରୀ .......।୧।

ଗୋପପୁରେ କ୍ଷୀର କରିଲ ଚୋରି
ଗୋପବାଳୀ ସଂଗେ ଖେଳିଲ ହୋରି
ଆହେ କହ୍ନାଇ ଜଗତ ସାଇଁ
ଯଶୋଦା ନନ୍ଦନ ବନ ବିହାରୀ .......।୨।

କାଳନ୍ଦୀ ହ୍ରଦରେ କାଳିକୁଦଳି
କଉଣପ କୁଳ ଥିଲ ସଂହାରୀ
ଆହେ କେଶବ ଦୀନ ବାନ୍ଧବ
ଦ୍ରପୁଦ ନନ୍ଦିନୀ ଲଜ୍ୟାନିବାରୀ.......।୩।

ଗଭୀର ଜଳରେ ଗଜ ଉଦ୍ଧାରୀ
ଚକ୍ର ପେଶି ନକ୍ର ଥିଲଟି ମାରି
ହେ ଚକ୍ର ଧାରୀ ମୋର ଗୁହାରୀ
ଶୁଣ ବାରେ କାନେ ସୁଦୟାକରି .......।୪।
ଘେନ ଗୁହାରୀ .................. ।।

## କଳା ଠାକୁର ..........

କଳା ଠାକୁର
ଦେବୁ କି କରଜ ମୋତେ
କରୁଣା ତୋର .......
ତୋର ସେବା କରି
ସୁଝି ଦେବି ସବୁ
ତୋ ଘରେ ହୋଇ ଚାକର ....... ।୦।
ସାହୁ ସାଜି ବସିଛୁ ତୁ
ନୀଳ କନ୍ଦରେ
ଖାତକ ମୁଁ ଡ଼ାକେବସି
ତୋର ଦୁଆରେ
ନଶୁଣୁ କାହିଁକି
ଆରେ ଚକା ଆଖି
କହ କିବା ଦୋଷ ମୋର ....... ।୧।
ଖମାର ଘର ତୋହର
ନହେବ ଖାଲି
ଦୟାର କବାଟ ଥରେ
ଦିଏରେ ଖୋଲି
ତୋର କୃପା ପାଇ
ଭୁଲିଯିବି ମୁହିଁ
ଜୀବନ ଜଞ୍ଜାଳ ମୋର ....... ।୨।
ଆଖିର ଲୋତକ ମୋର
ଛୁଏଁ ଅଧର
ବୁକୁର ଦରଦ ବଡ଼େ
ଲାଗଇ ଡର
ଆଉ କେତେଦିନ
ପତିତପାବନ
କରିବି ତୋତେ ହୁଜାର ....... ।୩।

## ବଡ଼ ଠକ ...କଳାଠାକୁର

ବଡ଼ ଠକ ...... କଳାଠାକୁର
ଆଉ ତୁମେ
କେତେ ଦିନ ଠକିବ ....
ଆଉ ମୁଁ ଡ଼ାକିବି ନାହିଁ
ପୂଜାବି କରିବି ନାହିଁ
ଜାଳିବି ନାହିଁ ଆଳତୀ ପ୍ରଦୀପ .... ।୦।

ତୁମରି କରୁଣା ପାଇଁ
ରହିଛି ପ୍ରଭୁ ଅନାଇ
ଆଖିକୁ ଆସେନା ନିଦ
ଆସେ ଲୋତକ ଝରାଇ
ଅମାନିଆ ମନ ମୋର
କୁହ କେତେ ଝୁରିବ .... ।୧।

ଅସାର ଜୀବନ ଛାର
ହୁଏ ପ୍ରଭୁ ନାରଖାର
ଶରୀର ହୁଏ ପରାଶ
ଦୁନିଆ ଜଞ୍ଜାଳେ ମୋର
ଭଂଗା ଚୁନା ଦେହ ଆଉ
କେତେ ଦାଉ ସହିବ .... ।୨।

ତୁମରି ଦୁଆରେ ବସି
ବିତିଯାଉ ଦିବା ନିଶି
କଣ୍ଠ ମୋରଯାଉ ଫାଟି
ତୁମା ନାମ ଘୋଷି ଘୋଷି
ତୁମ ଦରଶନେ ପ୍ରଭୁ
ଆଶା ମୋର ପୂରିବ .... ।୩।

## ଦୂରରୁ ଘେନ ଜୁହାର...

ଦୂରରୁ ଘେନ ଜୁହାର ମହାପ୍ରଭୁ
ଦୂରରୁ ଘେନ ଜୁହାର
ଯାଇ ପାରୁନି ମୁଁ ତୁମ ଶ୍ରୀ ମନ୍ଦିରେ
ପଛରୁ ଟାଣେ ଜଞ୍ଜାଳ ଡ଼ୋର .....

ଦୂରୁ ଯାଜ୍ଞସେନୀ ଡ଼ାକିଥିଲା ପ୍ରଭୁ
ରଖିଲ ଲାଜ ତାହାର
ଦୂରେ ଥାଇ ଗଜ ଦେଇଥିଲା ଡ଼ାକ
ତା ପ୍ରାଣ କଲ ଉଦ୍ଧାର
ବଳରାମ ଦାସ ଡ଼ାକ ଦୂରୁ ଶୁଣି
ବଡ଼ଦଣ୍ଡେ ହେଲ ସ୍ଥିର ..... ।୧।

ମୁଁ ଏକ ପତିତ ଦୂରେ ଥାଇ ପ୍ରଭୁ
ଲୋଡ଼ଇ ତୁମ ପୟର
ଦୂରେ ଥିଲେ ମନ ତୁମ ପାଦେ ରହୁ
ଏତିକି କରୁଣା କର
ପାଖ ଲୋକ ଭାବି ମନେ ରଖି ଥାଅ
କହେ ଜୟଦେବ ଛାର ..... ।୨।

## ବନ୍ଧୁରେ ................

ବନ୍ଧୁରେ .............
ଆଜି ଭାରି ଖୁସି ଲାଗୁଛି
ମୋ ବନ୍ଧୁରେ ଆଜି ଭାରି ଖୁସି ଲାଗୁଛି
ହଜିଲା ଧନ ଖୋଜି ପାଇଛି
ମୋର ହଜିଲାଧନ ଖୋଜି ପାଇଛି
କଳିଙ୍ଗ ଦେଶର ମହୋଦଧି କୂଳେ
ରହି ସବୁ ଲୀଳା କରୁଛି ...।୦।
ବଡ଼ ଦେଉଳେ ବସିଛି
ଜଗତ ନାଥ ବହିଛି
ପତିତ ତାରଣ ପାଇଁ
ହାତ ଠାରି ଡ଼ାକୁଛି
ଷାଠିଏ ପଉଟି
ନିତି ବସି ଖାଏ
ଭକତଙ୍କ ଗେହ୍ଲାହୋଇଛି ...।୧।
ଚକା ଚକା ଆଖି ତାର
ସୁନ୍ଦର ଶ୍ରୀରଂଗାଧର
ତା ପାଟ ପଗଡ଼ିବେଶ
ସତେ କି ରାଜକୁମାର
ରତନ ବେଦୀରେ
ମହା ଆନନ୍ଦରେ
ମଜାମାରି ରଜାହୋଇ ବସିଛି ...।୨।
ସିଏତ ଜଗତେ ବଡ଼
ସବୁ ଦରବ ତା ବଡ଼
ସହେନା କାର ଗରବ
ଦୁଃଖିଙ୍କ ଜୀବନ ନାଡ଼
ଦୁଷ୍ଟଙ୍କ ସଂହାରୀ
ପତିତ ଉଦ୍ଧାରୀ
ଜଗତର ଦୁଃଖ ତାରୁଛି ...।୩।

## ସବୁତୁମରି ଭିଆଣ ହରିହେ......

ସବୁ ତୁମରି ଭିଆଣ ହରିହେ
ସବୁ ତୁମରି ଭିଆଣ ହରି
ଅନାଦି ଅନନ୍ତ, ଅସୀମହେ ତୁମେ
ଦାରୁଭୂତ ମାୟାଧାରୀ .......।୦।

ନିୟତି ହେ ତୁମେ
ସମୟ ପ୍ରକୃତି
ଶୂନ୍ୟ, ଦାବାନଳ, ବାରି
ବତାସ, ତୋଫାନ ମୃତ୍ତିକା, ପବନ
ଦିବସ ହେ ବିଭାବରୀ .......।୧।

ଆଲୋକ, ଅନ୍ଧାର
ନଦୀ, ପାରାବାର
ପାଦପ, ଲତିକା, ଝର
ଜହର, ପିୟୁଷ
ନିଦ୍ରା, ଭୋକ, ଶୋଷ
ଭାଗ୍ୟ, ତୁମେ ଦଣ୍ଡ ଧାରୀ.......।୨।

ହେ ବିଶ୍ୱ ମୋହନ
ସତ୍ୟ ଚିରନ୍ତନ
ଆଶ୍ଚର୍ଯ୍ୟ ତୁମର ଧରା
ଅଳୀକ ସଂସାରେ
କେତେ ଦ୍ରବ୍ୟ ଖଞ୍ଜି
ରଖିଛ ହେ ସୁତ୍ର ଧାରୀ ...॥

## ଯେତେ ଦୁଃଖ ଦେ ପଛେ....

ଯେତେ ଦୁଃଖ ଦେ ପଛେ
　　　　ମଥା ପାତି ସହିବି
ଜନମ ଜନମ ପାଇଁ
　　　　ତୋତେ ମୁଁ ନ ଭୁଲିବି ....।୦।
ମାରିଲେ ଗୋଇଠା
　　　　ମୁଯେ ଦେଖାଇବି ପିଠି
ପେଟକୁ ନଦେଲେ ଦାନା
　　　　ଖାଇବି ସାଉଁଟି
ନଦେଲେ ଆଶ୍ରୟ ମତେ
　　　　ତୋ ଦୁଆରେ ଶୋଇବି ....।୧।
ଧାରା ଶିରାବଣ ପରି
　　　　ମୋ ଆଖିର ଲୁହ
ତୋ ଘର କରିବ ଓଦା
　　　　ଆରେ ଦୟାମୟ
ତୁ କବାଟ କଲିଲେ ମୁଁ
　　　　ତୋ ଦୁଆରେ କାନ୍ଦିବି ....।୨।
ହାତରେ ଧରି ଖପରା
　　　　ଦାନ୍ତରେ ତିରଣ
ଧାରଣା ଦେବି ତୋ ଦ୍ୱାରେ
　　　　ବସି ନିଶିଦିନ
ତୋ କୃପା ଲଭିବା ଯାଏଁ
　　　　ଚାହିଁ ରହିଥିବି ....।୩।
ଯେତେ ଦୁଃଖ ଦେ .......

## ଆରେ ମନୁଆ

ଆରେ ମନୁଆ
ମିଛରେ ଗରବ ଏତେ
 କରୁଛୁ କିଆଁ ...
ମନେ ମନେ ହେଉ ରଜା
 ନଭାବି ନିଜର ସଜା
ଧରାକୁ ସରା ମଣିତୁ
 ହେଉ ବାଇଆ ....।୦।
ସାତ ଦରିଆ ଲଙ୍ଘିଂକୁ
 କରୁଛୁ ଆଶା
ମେଘରେ ରହିବା ପାଇଁ
 ବାନ୍ଧୁଛୁ ବସା
ବସା ତୋର ଯିବ ଭାଂଗି
 ବହିଲେ ବାଆ ....।୧।
ତୋ ଡ଼େ-ରୁ ଫୁଲ ଦିନେ
 ପଡ଼ିବ ଝଡ଼ି
ଅକାଳ ଝଡ଼ ଆସିବ
 ଦେବ ଉଜାଡ଼ି
ମାଟିରେ ପଡ଼ି ମଉଳି
 ଯିବ ବାସନା ....।୨।
ବେଳ ଥାଉ ମୂଢ଼ ମନ
 କର ସ୍ମରଣ
ରାମ ନାମେ ମୋକ୍ଷ କର
 ପାପୀ ପରାଣ
ହରି ନାମେ ନିଅ ବାହି
 ଜୀବନ ନାଆ ....।୩।
ଆରେ ମନୁଆ ..... ।।

# ଆହେ କଳାଶ୍ରୀମୁଖ.....

ଆହେ କଳାଶ୍ରୀମୁଖ...
ସତେ କଣ ଯିବ ଚାଲି
ଛଡିଆ ବାଟ ।

ଆହେ .....
ଝୁରିବେ ଶ୍ରୀକ୍ଷେତ୍ର ବାସୀ
ନିଶି ଦିବସ ବସି
ଝୁରିବ ତୋ ବଡ଼ ଦାଣ୍ଡ ...୨
କଳପ ବଟ...... ।୦।
ତୋ ବଡ଼ପଣ୍ଡା କାନ୍ଦିବ
ବାଇଶି ପାହାଚେ ବସି
ଆନନ୍ଦ ବଜାର ଭୋଗ
ତୋ ଲାଗି ହୋଇବ ବାସି
ମୂକ ହେବ ଶ୍ରୀମନ୍ଦିର
ନ ଉଡ଼ିବ ଫରଫର ... ୨
ତୋ ରଂଗ ନେତ...... ।୧।
ସୁନ୍ଦର ଉଦ୍ୟାନେ ଫୁଲ
ତୋ ଲାଗି ଯିବ ମଉଳି
ଦୟଣା ତୁଳସୀ ଦୂବ
ସବୁ ପଡ଼ିବ ଝାଉଁଳି
ନଶୁଭିବ ଶିଂଘା ଶଙ୍ଖ
କାହାଳୀ ଘଣ୍ଟା ମୃଦଙ୍ଗ ... ୨
ତାଳ ଶବଦ ...... ।୨।
ତୋ ନୀଳ ଦରିଆଢ଼େଉ
ଫେରିଯିବ ସୀମା ଛୁଇଁ
ଶ୍ରୀ ବେଢ଼ା ଅଗଣା ତୋର
ପାଲଟିବ ମରୁଭୂଇଁ
ଦେଖିଣ ଶୂନ୍ୟଗମ୍ଭିରୀ
ତୋ ଭକତ ଯିବ ଫେରି
ନେଇ ଲୋତକ .... ।୩।
ସତେ କଣ ....

# ଆହେ କଳା ଠାକୁର....

ଆହେ କଳା ଠାକୁର ....
ତୁମ ଦରବାରେ ଆପତ୍ତି କରୁଛି
କୁହ କେବେ ହେବ
ମୋର ବିଚାର ..... ।୦।
ନଥି ପତ୍ର ମୋର ଯେତେ
ତୁମ କଚେରୀରେ
ରଖିଛ ସାଇତି ସବୁ
ନଥି ମଲାଟରେ
କେବେ ଚଳାଇବ ତୁମ
ଲେଖନୀ ଧାର.... ।୧।
ଦଣ୍ଡବିଧି ନିଜହାତେ
ଧରିଛ ପ୍ରଭୁ
ଉଚ୍ଚ ଆସନେର ବସି
ଦେଖୁଛ ସବୁ
କେବେ ଫିଟାଇବ ତୁମେ
ନ୍ୟାୟ ଦୁଆର ..... ।୨।
ବାଇଦା ପରେ ବାଇଦା
ଦିନ ପରେ ଦିନ
ସରି ସରି ଯାଏ ସିନା
ନଘୁଞ୍ଚେ କଷଣ
କେବେ ଶୁଣାଇବ ତୁମେ
ଶୁଭ ଖବର..... ।୩।
ଆହେ କଳା ଠକୁର ... ।।

## କଳା କାଇଁଚ

# ଆରେ ମନୁଆ ବାଇ....

ଆରେ ମନୁଆ ବାଇ
କାହିଁକି ଏତେ ବଡ଼େଇ
କରୁ ଦୁଇଦିନ ପାଇଁ
ସବୁ ଛାଡି ଯିବୁ ଦିନେ
ମଶାଣି ଭୂଇଁ .....
କାହିଁକି ଏତେ ବଡ଼େଇ
କରୁରେ ତୁ ହି
ଆରେ ମନୁଆ ଭାଇ ...... ।୦।

ଘଡ଼ିଏ କାନ୍ଦିବେ ମିଛେ
ଆତ୍ମୀୟ ସ୍ୱଜନ ତୋର
ଭୋଜିଭାତ ମଉଜରେ
କରିବେ ଖୁସି ଆସର
ପାଶୋରିବେ ତୋତେ ମନୁ
ନଥିବୁ ତୁହି .... ।୧।
କାହିଁକି ଏତେ ବଡ଼େଇ
କରୁରେ ତୁହି
ଆରେ ମନୁଆ ଭାଇ ....

ତୋର ଖେଳ କସରତ
ଗର୍ବ ଧନ ଯଉବନ
ଉଭେଇ ଯିବ ସକଳ
ତୋ ପାଇଁ ହେବ ସପନ
ଭଂଗା ଚୁନା ଏ ସଂସାର
ତୋର ନୁହଁଇ .... ।୨।
କାହିଁକି ଏତେ ବଡ଼େଇ
କରୁରେ ତୁହି

ଆରେ ମନୁଆ ଭାଇ ...
ଧନ ଥିଲା ଯାକ ତୋତେ
କରିବେ କେତେ ଆଦର
ମିଛ ମାୟା ଦୁନିଆରେ
ଏ ସବୁ ତୁଛ ବେପାର
ସତ ଏକା ସେହି ପ୍ରଭୁ
ଜଗତ ସାଇଁ ... ।୩।
କିହିଁକି ଏତେ ବଡ଼େଇ
କରୁରେ ତୁହି
ଆରେ ମନୁଆ ଭାଇ .... ।।

## ଆସ....

ଆସ...
କିଏ ସେ ଦେଖିବ ହୋ
ମୋର କଣ୍ଢେଇ ଦେଖିବ ଆସ
ତିନି ରଂଗେ ତିନି କଣ୍ଢେଇ ମୋହର
ତାଙ୍କ ମୁରୁକି ମୁରୁକି ହସ
ଆସ...
କଳାଧଳା ହଳଦିଆ ରଂଗ ତାଙ୍କୁ
        ରଖିଛି ମୁଁ ଯତନରେ
ସୁନା ପାଲିଙ୍କିରେ ବିଜେ କରାଇଛି
        ପାଟ ଛତା ଟାଣି ଶିରେ
ସଂଜ ସକାଳରେ ଖେଳେ ତାଙ୍କ ସାଥେ
        ଭୁଲିଯାଇ ଭୋକ ଶୋଷ
                ଆସ ... ।୧।

କଳା କଣ୍ଢେଇଟି        ଶୁଣେନା ମୋ କଥା
        ଅଟେ ସେ ନିପଟ ଠକ
ଅତି ଗେହ୍ଲାକରି        ରଖିଛି ମୁଁ ତାକୁ
        ତଥାପି ମୋତେ କପଟ
ବଡ଼ ହଟହଟା କରୁଛି ସେ ମୋତେ
        ତା ଲାଗି ମନ ବିରସ
                ଆସ ... ।୨।

ରାତି ହେଲେ ମୁଁ ଯେ  ଶୋଇଯାଏ ନିଦେ
        ଶୁଏନା କଳା କଣ୍ଢେଇ
ଚକା ଆଖି ମେଲି        କାହାକୁ ଦେଖୁଛି
        ତା କଥା ସିଏ ଜାଣଇ
ଭାରୀ ସେ ଚତୁର        କରଇ ହୁନ୍ଦର
        ଦେଖିଲେ ଲାଗେ ହରଷ
                ଆସି କିଏ ସେ... ।।

## ତୋ ବଡ଼ ଦେଉଳ ଗଢ଼ା...

ତୋ ବଡ଼ ଦେଉଳ ଗଢ଼ା
ବଉଳା ମାଳରେ
ମୋ ବଡ଼ ଦେଉଳ ଗଢ଼ା
ଛଣ ଛପରରେ ... ।୦।
ତୋ ଘର କବାଟ ବନ୍ଧା
ଲୁହା ଶିକୁଳିରେ
ମୋ ତାଟି କବାଟ ବନ୍ଧା
ଝୋଟ ଦଉଡ଼ିରେ ... ।୧।
ତୋ ଦେଉଳ ଆଲୋକିତ
ତୋ ମଥା ମଣିରେ
ମୋ ଘରୁ ଅନ୍ଧାର ଯାଏ
ଜହ୍ନ ଆଲୁଅରେ ... ।୨।
ତୁ ଖାଉ ଷାଠିଏ ପୌଟି
ସଂଜ ସକାଳରେ
ପାଏନା ବାସି ପଖାଳ
ମୁଁ ଦିବା ନିଶିରେ ... ।୩।
ନାହିଁ ତୋ ଅଭାବ କିଛି
ଅଛୁ ତୁ ସୁଖରେ
ମୁଁ ହୀନ ଦରିଦ୍ର ଏଠି
ତୋତେ ଝୁରି ମରେ ... ।।

## ଜଗନ୍ନାଥ ହେ .....

ଜଗନ୍ନାଥ ହେ
କୁହ କି ଦୋଷେ ଦଣ୍ଡୁଛ
ଦଣ୍ଡଧାରୀ ହୋଇ
ଦଣ୍ଡିଏ ନଚାହଁ
ଦାଣ୍ଡେ ଗଡ଼ାଇ ମାରୁଛ
ଜଗନାଥ ହେ .... ।୦।
ମୁଣ୍ଡେ ଦୁଃଖ ବୋଝ
ଦେଇଛ ମୁଣ୍ଡେଇ
ତୁଣ୍ଡରୁ ଭାଷା ମୋ
ନେଇଛ ଛିଣ୍ଡେଇ
କାହିଁକି ପାଷଣ୍ଡ
ହୁଅ ମୋହ ପାଇଁ
ଚଣ୍ଡାଳ କିଁପାଇଁ କରୁଛ
ଜଗାନ୍ନାଥ ହେ .... ।୧।
କୃପାର ଭଣ୍ଡାର
କାହିଁକି ଲୁଚେଇ
ରୁଣ୍ଡେଇ ରଖିଛ
କୁହ କାହାପାଇଁ
ଦୟାର ମଣ୍ଡରୁ
ଟିକିଏ ନଦେଇ
ମୋ ପିଣ୍ଡକୁ ଦୁଃଖେ ଦହୁଛ
ଜଗନ୍ନାଥ.... ।୨।
କବଚ କୁଣ୍ଡଳ
ନାହିଁ ଦରକାର
ଏ ମର୍ତ୍ତ୍ୟେ ମଣ୍ଡଳେ
ସେ ସବୁ ଅସାର
ଲୋଡ଼ା ମୋ ଏତିକି
ହେ ବ୍ରହ୍ମାଣ୍ଡ ପତି
କୋଦଣ୍ଡରେ ଯାଉ ପ୍ରାଣତ
ଜଗନ୍ନାଥ ହେ .... ।୪।

## କାଳିଆରେ .....

କାଳିଆରେ...
ଇଚ୍ଛା ମୋ ଯିବାକୁ ଛାଡ଼ି
ଏ ଘର ସଂସାର
ଦୋ ଦେଉଳେ ଯାଇ
ତୋ ଭଜନ ଗାଇ
ଦେଖନ୍ତି ଶ୍ରୀମୁଖ ତୋର .... ।୦।

ଯଦି ହୁଏ ଦୟା ତୋର
ପାଆନ୍ତି ଦର୍ଶନ ତୋର
ତୋ ଆଗେ କହନ୍ତି ଖୋଲି
ଅନ୍ତର ବେଦନା ମୋର
ମିଛ ମାୟା ଦୁନିଆରେ
ତୁହି ଏକା ସହଚର .... ।୧।

କିଏ ବା ଦେଖିବ ମୋତେ
କିଏ ବା ରଖିବ ଚିତ୍ତେ
ଯେଝା ବାଟେ ଯେଝା ଯିବେ
କେହି ନେବେ ନାହିଁ ସାଥେ
ତୁହି ଯଦି ପାଖେ ଥିବୁ
ନାହିଁ କାହାକୁ ଖାତର .... ।୨।

ହେଲାଣି ଚମ ପାତଳ
ଶିରା ପ୍ରଶିରା ଶିଥିଳ
ଆଖିରୁ ଗଲାଣି ଜ୍ୟୋତି
ଭାଂଗିଲାଣି ମନବଳ
ଶେଷ କାଳେ ତୁହି ସାହା
ଆରେ ଜଗତ ଠାକୁର .... ।୩।

# ବିଶ୍ୱ ଠାକୁର

ହେ ବିଶ୍ୱ ଠାକୁର ଦୟାର ସାଗର
ଏତିକି ସୁଦୟାକର
ନିତି ଯେବେ ରାତି ପାହେ ପ୍ରଭୁମୁଁ ଯେ
ଦେଖିବି ମୁଖ ତୁମର ... ୧
ତୁଣ୍ଡରୁ ମୋ ଝରୁ ନିତି ତୁମ ନାମ
ମନ ଝୁରୁ ଶ୍ରୀପୟର
କାନ ମୋ ପବିତ୍ର ହେଉ ଶୁଣିପ୍ରଭୁ
ଭଜନ ଗୀତ ତୁମର ... ୨
ମଥା ମୋର ନଇଁ ରହୁତୁମ ପଦେ
ଲୋଟି ଯାଉ ମୋ ଶରୀର
ହାତ ମୋର ଟେକି ହେଉ ଥାଉ ସଦା
କରିବା ପାଇଁ ଜୁହାର ... ୩
ମୋ ଶୁଖିଲା ଓଠେ ଦିଅ ଭରି ହସ
ରଂଗ ଅଧରୁ ତୁମର
ପାପ ନିଅ ଧୋଇ ମୋ ଭୁଲା ମନରୁ
ଡାଳି ତବ କୃପା ନୀର ... ୪
ସୁବୁଦ୍ଧି ସୁଚିନ୍ତା ଦିଅ ହୃଦେ ଭରି
ସୁଖେ ବିତୁ ଦିନ ମୋର
ଚିତ୍ତ ମୋ ନିର୍ମଳ କର ପ୍ରଭୁସଦା
କର୍ମେ କର ଆଗୁସାର... ୫
ଏତିକି ଗୁହାରୀ ମୋର ଶ୍ରୀ ଛାମୁରେ
ଘେନ ବ୍ରହ୍ମାଣ୍ଡ ଠାକୁର
କୃପା ନୟନରେ ରହିଥାଅ ଚାହିଁ
ତାକେ ଜୟଦେବ ଛାର ... ୬

## ମିଛ ମାୟା

ମିଛ ମାୟା ...........
ଏ ସଂସାର
କେହି ନୁହେଁ ପର ଏଠି
କେହି ଆପଣାର
ସତ ଏକା ସେ ନିୟତି
ସବୁ ଲୀଳା ତାର .... ।୦।
ଆମେ ଦୁଇଦିନ ପାଇଁ
ଆସିଛେ କୁଣିଆ ହୋଇ
ଯେଝା ବାଟେ ଯେଝା ଯିବା
କିଛି ନେଇ ଯିବା ନାହିଁ
କାଳର କରାଳ ସ୍ରୋତେ
ଆମେ ଶୁଖିଲା ପତର .... ।୧।
ମୁଁ ମୋର ଗର୍ବ କରି
କେହି ହୋଇନି ତା ସରି
ତା ଆଦଶେ ଚଳେ ଧରା
ଆମେ ବୋଲକରା ତାରି
ପଥ ହୁଡ଼ିଗଲେ ଆମେ
ଦେଖିବା ନର୍କ ଗହ୍ୱର .... ।୨।
ବେଳ ଥାଉ ଆସ ଯିବା
ତା ପାଦେ ଲୋଟି ପଡ଼ିବା
କଲା ପାପ କର୍ମ ପାଇଁ
ତା ପାଶେ ଶରଣ ଯିବା
ଏ ଜନମ ମୋକ୍ଷ ପାଇଁ
ଜପିବା ତାର ପୟର .... ।୪।
ମିଛ ମାୟା ............ ।।

## ଯାଆନାରେ .....

ଯାଆନାରେ ....
କାହ୍ନୁଛାଡି
ବରଜପୁର
ତୁଗଲେ ଛାଡିବେ ବ୍ରଜ
ବାସୀ ନଗରରେ
ଯାଆନାରେ ...... ।୦।

ତୋ ବିହୁନେ ନନ୍ଦରାଣୀ
ହେବ ଅନ୍ଧୁଣି ବାୟାଣୀ
କାନ୍ଦିବ ବାହୁନି ତୋତେ
ଛାଡି ଆହାର ରେ... ।୧।

ସୁଦାମ, ଦାମ, ସୁବଳ
ତୋ ବିନା ହେବେ ବାଚାଳ
ଘିଅ, ଦୁଧ, ଦହି, ଛେନା
ହେବ ଜହରରେ .... ।୨।

ନଦୀ, ନାଳ, ତୋଟା, ବନ
ତୋ ବିନା ହେବ ଶ୍ମଶାନ
ନ ବାଜିବ କାନେ ଆଉ
ମୂରଲୀସ୍ୱନରେ .... ।୩।

ତୋ ସଖି ରାଇ ସୁନ୍ଦରୀ
ମରିବରେ ଝୁରିଝୁରି
ନ ଯା ତୁ ମଥୁରା କାହ୍ନୁ
ଫେରା ଅକ୍ରୁରେ .... ।୪।
ଯାଆନାରେ କାହ୍ନୁଛାଡି ...... ।।

## ରଂଗିଆ ସେ ଭାବ ଭଂଗିଆ

ରଂଗିଆ ସେ ଭାବ ଭଂଗିଆ
ରଂଗ ଅଧରିଆ    ବାଙ୍କ ଚୁଳିଆ
ଗୋପବାଳୀ ସଂଗେ
    ଖେଳୁଥିଲା ରଂଗ
ରାଧିକା ରଂଗରେ
    ହୋଇ ବାଇଆ ..... ।୦।
ଭାବ ବିନୋଦିଆ କାଳିଆ
ଭାବଗ୍ରାହୀ ନନ୍ଦ
    ଗଳା ମାଳିଆ
ଭାବେ ସୁଦାମାର
    ଖୁଦ ଭଜା ଖାଇ
ମଇତ୍ର ପଣରେ
    ରଖିଛି ନାଆଁ.... ।୧।
ବଂଶୀଧାରୀ ବନ ମାଳିଆ
ଧନୁମୁଆଁ ଖିଆ
    ଚକା ଆଖିଆ
କ୍ଷୀର ସର ଚୋର
    ସେ କଳା କହ୍ନାଇଁ
ମାଇଁ ପ୍ରୀତି କରା
    ନଟ କୁଟିଆ ..... ।୨।
ମୋହନ କଦମ୍ବ ମୂଳିଆ
ମୟୁର ଚୂଳିଆ
    ଗୁଂଜ ମାଳିଆ
ଜଗତ ଯାକର
    ହୋଇଛି ସେ ଗେହ୍ଲା
ଭକତେ ମାରନ୍ତି
    ତାକୁ ମୁଣ୍ଡିଆ
ରଂଗିଆ........ ।।

## ଜଗନ୍ନାଥ ହେ ........

ଜଗନ୍ନାଥ ହେ ......
ତୁମେ ନେଲକି ନାହିଁ    ଫୁଲମାଳଟିଏ
ପଣ୍ଡାହାତେ ଦେଇ
କହିଥିଲି ଗଳେ (ତୁମ)
ଦେବ ଲମ୍ବାଇ .... ।୦।

ଅତି ସରାଗରେ
ମଲ୍ଲୀ ବଗିଚାରୁ
ତୋଳି ଆଣିଥିଲି ଫୁଲ
ଚନ୍ଦନର ଛିଟା ଦେଇ ଗୁଛିଥିଲି
ପ୍ରଭୁ ପାଅ ବୋଲି ଭଲ
ଡାକରା ନପାଇ
ମୁଁ ପାରୁନି ଯାଇ
ତେଣୁ ଦୂରୁ ଦେଇଥିଲି ପଠାଇ.... ।୧।

ସେ ଫୁଲେ ଆଦର
ଦେଇଥିଲି ଭରି
ଆହେ ଜଗତ ଠାକୁର
ଅତି ସରାଗରେ
ନେଇଥିବ ବୋଲି
ହଏ ଆନନ୍ଦ ଅପାର
ହେ ବିଶ୍ୱ କରତା
ଏ ପତିତ ମଥା
ତୁମ ପାଦେ ରହୁ ସଦା ନୁଆଁଇ .... ।୨।

ଯଦି ମୋ ଆଦରେ
ଗୋଇଠା ପାହାର
ଦେବକରି ହତାଦର
ମୋ ଭଂଗା କୁଟୀରେ
ବସି ମୁଁ କାନ୍ଦିବି
ଗଡ଼ାଇ ଲୋତକ ଧାର
ମୁଦିବା ଆଗରୁ
ଆଖିପତା ମୋର
ଚାଲିଯିବି ତୁମ ନାମକୁ ଗାଇ ......... ।୩।

## ପ୍ରଭୁହେ

ପ୍ରଭୁହେ
ତୁମେ ଏକା ମୋର
ସାହା ଭରସା .... ।୦।
ଜୀବନ ବୋଝ ମୋ
ଜଞ୍ଜାଳେ ଦେଇଛ ଭରି
ଖାଲି ହାତେ ସେ ବୋଝ ମୁଁ
ପାରୁ ନାହିଁ ପ୍ରଭୁଧରି
ନିଅ ବିଭୁ କାଢି କିଛି
କରି କିଞ୍ଚିତେ କୃପା .... ।୧।
ସୁରୁଯ ଉଇଁଲେ
ଚିନ୍ତା ହୁଏ ସହଚର
ପିଠିକୁ ଛୁଅଁଇ ପେଟ
ଦିଗ ଦିଶେ ଅନ୍ଧକାର
ପାଦ ହୁଅଇ ଅଚଳ
ପାଟିରୁ ହଜେ ଭାଷା .... ।୨।
ରାତି ଯେବେ ଆସେ
ପାପକୁ କୋଳରେ ଧରି
ଝାମିମାଟି କୁଟୀର ମୋ
ହାହାକରେ ଯାଏ ପୁରି
ଦେଖେ ମୁଁ କତରା ପରେ
ମୋ ସଂସାର ଦୁର୍ଦ୍ଦଶା... ।୩।
ଆହେ ନାରାୟଣ
ଯେନ ବାରେ ମୋ ଜଣାଣ
ଏ ଦୀନକୁ କରିଦୟା
ଘୁଞ୍ଚାଇ ନିଅ କଷଣ
ହଟ ହଟା ନକରେ ହେ
ହୋଇବ ଲୋକ ହସା ... ।୪।

## କେତେ ଆଶାନେଇ

କେତେ ଆଶାନେଇ ଯାଇଥିଲି ଦିନେ
ତୁମ ଆଗେ ଦୁଃଖ କହିବା ପାଇଁ
ଅନେକ ବ୍ୟଥାରୁ କିଛି ଦେଇ ପ୍ରଭୁ
ବାହୁଡିବି ତୁମ ଦର୍ଶ ପାଇ .......... ।୦।

ଯେବେ ତୁମ ଦ୍ୱାରେ ପହଞ୍ଚିଲି ଯାଇ
ଦେଖିଲି କବାଟ ମୁକୁଳା ନାହିଁ
ପ୍ରଭୁପ୍ରଭୁ ବୋଲି କେତେ ମୁଁ ଡ଼ାକିଲି
ଶୁଣିଲ ନାହିଁ ହେ ଜଗତ ସାଇଁ .... ।୧।

ସିଂହଦ୍ୱାରେ ବସି କେତେ ମୁଁ କାନ୍ଦିଲି
ମୋ ପୋଡ଼ା ଅନ୍ତରୁ କୋହ ଉଠାଇ
ତଥାପି ଶୁଣିଲ ନାହିଁ ମହାବାହୁ
ପାଷାଣ ବଧିର ହେଇ ମୋ ପାଇଁ .... ।୨।

ଭଗାରୀ ଭାବି ହେ ନ ଦେଲଟି ଦେଖା
ମୋଠାରେ କପଟ ରଖି ଗୋସାଇଁ
କିପରି ବୋଲାଅ ବଡ଼ ଦିଅଁ ବୋଲି
ସଖାପଣେ ଯଶବାନା ଉଡାଇ ... ।୩।

ଆଉ କେବେ ଯିବି ନାହିଁ ଜଗନ୍ନାଥ
ତୁମ ଦ୍ୱାରେ ମଥା ପିଟିବା ପାଇଁ
ଦଦରା କୁଟୀରେ ମୋ ବ୍ୟଥାକୁ ଧରି
ଅନ୍ତିମ ଯାତ୍ରାକୁ ରହିବି ଚାହିଁ ..... ।୪।

# ହୁରି ପଡ଼ିଛି

ପଡ଼ିଛି ହୁରି ହୋ ସଂଗାତ
ସାରା ଜଗତେ ଆଜ
କାଳିଆ ଯାଉଛି ମାଉସୀ ଘରକୁ
ହୋଇ ନୂଆ ସଜବାଜ ....
ବଡ଼ ଦାଣ୍ଡେ ନନ୍ଦି ଘୋଷରେ
ବସିଛି କାଳିଆ ମହା ଖୁସିରେ
ଭକ୍ତଙ୍କୁ ଆଡ଼େଇ ଗ୍ଲେ ତା'ର ରଥ
କରି କେଁ କେଁ କେଁ ଶବଦ ...
ସଂଗେ ଘେନି ଭଉଣୀ ଭାଇ
ଯାଉଛି କାଳିଆ ନ ଦିନ ପାଇଁ
ବଡ଼ ଦେଉଳରେ ଛାଡ଼ି ଚଞ୍ଚଳାଙ୍କୁ
କରିବା ପାଇଁକି ଗୁଣ୍ଡିଚା ଯାତ...
ଦାସ, ଦାସୀ, ସୈନ୍ୟ, ସାମନ୍ତ
ମନ୍ତ୍ରୀ, ସାରଥି, ପୂଜାରୀ, ସେବକ
ଅଞ୍ଜନା ନନ୍ଦନେ ଦେଇଛି ଆଦେଶ
ପବନ ବେଗରେ ନେବାକୁ ରଥ ...
ସାରା ଜଗତେ ଆଜ

## ମନ ପକ୍ଷୀରେ

ମନ ପକ୍ଷୀରେ ........
ଉଡ଼ିଯା ଉଡ଼ିଯା ନୀଳାଚଳକୁ
ମୁକତି ଲଭିବୁ ନୀଳାଚଳେ ଦେଖି
କାଳିଆ କଳାବଦନକୁ (୦)

ତା ମନ୍ଦିର ଚାରିପାଖେ
ତୁ ଉଡ଼ି ବୁଲିବୁ
ସଂଜ ସକାଳରେ ତାକୁ
ଦର୍ଶନ କରିବୁ
ଭୋକ ହେଲେ ତା ବଜାରୁ
ଅଉଡ଼ା ଗୋଟେଇ
ଖାଇ ହରଷର ତାହା
ସୁଖେ ଥିବୁ ରହି
ମିଛେ କିଂପା ଅଛୁ ଏଠି
ଲୋଭ କରି ବନ୍ଧନକୁ (୧)

ଯାହା ରଖିଛୁ ସାଇତି
ଦିନରାତି ଲାଗି
ନୁହେଁତୋ ନିଜର କିଛି
ଅଛୁ ଖାଲି ଜଗି

ଆସିଲେ ଝଡ଼ ବତାସ
ସବୁଯିବ ଉଡ଼ି
ତୋ ଦେହରୁ ଜୀବ ଗଲେ
ଏକା ଥିବୁ ପଡ଼ି
ନିଜ ଲୋକ ହୋଇ ପର
ସଜାଡ଼ିବେ କୋକେଇକୁ (୨)

ମିତଥୟ କରି ମନ
ଭଜିଲେ ତାହାକୁ
ମାଟି ଦେହ ଛାଡ଼ି ଯିବୁ
ପରମ ଧାମ କୁ
ଯଦି ରଖିଥିବୁ ସଦା
ତା ପାଦରେ ଲୟ
ଅନ୍ୟ ଘଟେ ଜୀବ ତୋର
ପାଇବ ଆଶ୍ରୟ
ଜୟ କହେ ନହେଲେ ତୁ
ଯିବୁ ମନ ନରକକୁ (୩)
ମନ ପକ୍ଷୀରେ ..............

## ଭଜରେ ମନ

ଭଜରେ ମନ
ପରଂବହ୍ମ ଶ୍ରୀନାରାୟଣ
ସେ ନାମ ଭଜିଲେ
ଆରେ ମୁଢ଼ ମନ
ପାଇବୁ ମୁକତି ଧାମ
ଭଜରେ ମନ .....(୦)

ତୋ ଆଖିରେ ମାୟାପଟି
ବାନ୍ଧିଛି ଦଇବ
ଗର୍ବ ଦମ୍ଭ ଅହଂକାରେ
କରୁଛୁ ବିଭବ
ମାଟି ଘଟ ତୁଛ ପ୍ରାଣେ
ଲୋଭ ମୋହ ତୋତେ ଟାଣେ
ମତୁଆଲା ମନକୁ ତୋ
ସମ୍ଭାଳି ଭଜ ସେ ନାମ
ଭଜରେ ମନ .......... (୧)

ଶୂନ୍ୟରେ ବାନ୍ଧିବୁ ଘର
କରୁନିତି ଆଶା
ପାପ ବୋଝ ହେଲେ ଭାରୀ
ହେବୁ ଲୋକ ହସା
ବେଳ ଗଡ଼ିଗଲେ ମନ
ନପାଇବୁ ତା ସନ୍ଧାନ
ପ୍ରାଣ ଛଟ ପଟ ହେବ
ଦେଖି ଭଭଟ ସପନ
ଭଜରେ ମନ .......... (୨)

ଭଗାରୀ ନିଜେ ତୁ ତୋର
ଆନ କେହି ନାହିଁ
ସାଇତା ସଂପତ୍ତି ତୋର
ଯିବରେ ଉଭେଇ
ଅକାଳ ଚଡ଼କ ପଡ଼ି
ଦେବଟି ସବୁ ଉଜାଡ଼ି
ତୋ ହିସାବ ହେବ ଶେଷ
କରିବୁ ନର୍କ ଦର୍ଶନ
ଭଜରେ ମନ .......... (୩)

## ଆରତୀ ବେଳେ

ଆରତୀ ବେଳେ ବଡ଼ ଦେଉଳେ
କି ସୁନ୍ଦର ଦିଶ ହରି
ଘଣ୍ଟା ଘଣ୍ଟି ମାଡ଼ କାହାଳୀ ମୃଦଙ୍ଗ
ବାଜେ କେତେ ଭେରୀ ତୂରୀ... ।୧।

କଳା ଶ୍ରୀମୁଖ ହେ ଜଗନ୍ନାଥ
ଶଙ୍ଖ ଚକ୍ର ଗଦା ଧାରୀ
ପଦ୍ମ ଲୋଚନର ଚାହାଣି ତୁମର
ଦିଶେ ବଡ଼ ମନୋହାରୀ... ।୨।

କୋଟିଏ ଦୀପ ଗୋଟିଏ ହୋଇ
ଜଳେ ମନ୍ଦିରେ ତୁମରି
କୋଟିଏ ଭକତ ଗୋଟିଏ ମନରେ
ଡ଼ାକନ୍ତି ରଖହେ ହରି ... ।୩।

ସବୁରି ମୁଖେ ତୁମ ଭଜନ
ଆହେ ନିଳାଦ୍ରି ବାହିରୀ
ଜଗତ କଲ୍ୟାଣ କର ନାରାୟଣ
ଦୁଃଖ ନିଅ ପରିହରି ... ।୪।

ଦିନକୁ ଦିନ ପାପ ଭାରାରେ
ଅବନୀ କାନ୍ଦେ ଗୁମରି
ପାପୀଙ୍କୁ ସଂହାରୀ ପିଶୁନଙ୍କୁ ମାରି
ବିଶ୍ୱେ ଦିଅ ଶାନ୍ତି ଭରି ... ।୫।

# ଆରେ ମୁଢ଼ ମନ

ଆରେ ମୁଢ଼ ମନ
କାହିଁ ପାଇଁ ଏତେ
ଗରବ ତୋର
ପାପ ମୁଣା ଯେବେ
ଭରତି ହୋଇବ
କେଉଁଠି ରଖିବୁ
ବଢ଼େଇ ତୋର
ରେ ମନ ବଢ଼େଇ ତୋର
କାହିଁପାଇଁ ଏତେ ....।୦।

ମନେ ମନେ ଭାବୁ ତୁହି
ସବୁଠୁ ବଡ଼
ଧରାକୁ ସରା ମଣିତୁ
ହେଉ ପାଗଳ
ଯାହାକୁ ନେଇତୁ
ହେଉଛୁ ବିଭୋର
ସେମାନେ ନଯିବେ
ରେମନ....
ସେମାନେ ନଯିବେ
ସଂଗେ ତୋହର .... ।୧।

ପର ପାଇଁ ପାଞ୍ଚୁ ଯେତେ
ଅଧର୍ମ କଥା
ଧର୍ମ ସାହାଥିଲେ ସବୁ
ହେବ ଅନ୍ୟଥା
ମତି ଭ୍ରମ କରି
ଗଲୁ ତୁ ଅବାଟେ

ଯମ ଦଣ୍ଡ ହେବ
ରେ ମନ .....
ଯମ ଦଣ୍ଡ ହେବ
ତୋ ପାଇଁ ସାର .... ।୨।

ଆଗତ କଥାକୁ ମନ
ହେତୁ ରଖିଣ
କଲା କର୍ମ ପାଇଁ ହୁଅ
ତୁ ସାବଧାନ
ତୋହର ହିସାବ
ସବୁ ସେ ରଖିଛି
କଡ଼ାଗଣ୍ଡାକରି
ରେ ମନ
କଡ଼ା ଗଣ୍ଡା କରି
ନେବ ତୋହର .... ।୩।

# କାଳିଆରେ......

କାଳିଆରେ .......
ଟିକି ଅନୁରୋଧଟିଏ
ତୋତେ ଜଣାଉଛି
ଯଦି ହେବୁ ଦୟା
ମୋ ଠାରେ କାଳିଆ
ତୋ ଆଦର ପାଉଥିବି
ନିତିତୋ ଆଦର ପାଉଥିବି ..।୦।

ତୋ ମନ୍ଦିରେ ଯେତେ
ଦୀପାଳି ଜଳେ
ଦୀପ ହୋଇଥିବି
ଦୀପାଳିମେଳେ
କୋଟିଏ ଫୁଲରୁ
ଗୋଟିଏ ହୋଇ ମୁଁ
ତୋ ପାଦରେ ପଡ଼ିଥିବି
ନିତି ତୋ ଆଦର ପାଉଥିବି ..।୧।

ତୁଳସୀ ଦୟଣା
ମାଳରେ ତୋର
ଲାଖି ରହିଥିବି
ହୋଇ ପତର
ବାସି ଚନ୍ଦନରୁ
ଟୋପାଟିଏ ହୋଇ
ତୋ ଦେହରେ ଲାଗିଥିବି
ନିତି ତୋ ଆଦର ପାଉଥିବି ..।୨।

ଅନେକ ଭକତ
ମେଳରେ ରହି
ନିତି ଦେଖୁଥିବି
ତୋତେ ଗୋସାଇଁ
ଏଇ ଇଚ୍ଛା ମୋର
ସବୁ ଜନମର
ପୂରିଲେ ଧନ୍ୟ ମଣିବି
ନିତି ତୋ ଆଦର ପାଉଥିବି..।୩।

## କି ଲୀଳା ଲଗାଇଛ.....

କି ଲୀଳା ଲଗାଇଛ
ଜଗତ ସାଇଁ
ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି
ଦଣ୍ଡେ ବଂଚିବା ପାଇଁ
ଏଠି ବଂଚିବା ପାଇଁ ....... ।୦।

ବେପାର ବାଣିଜେ କା'ର
ବିତଇ ଦିନ
ରାଜସେବା କରି କିଏ
ପାଏ ସମ୍ମାନ
ଗହୀର ମାଳରେ ଚାଷି
ଛାଡ଼େ ଲହରୀ
ଫଳାଏ କ୍ଷେତରେ ସୁନା
କଷ୍ଟ ପାଶୋରି
ଦଲାରି ଡକାୟତି
ଯାହା ଚାଲଇ ଏଠି
କେବଳ ମାତର ଏଇ
ପେଟ ଚାଖଣ୍ଡ ପାଇଁ
କି ଲୀଳା ......... ।୧।

ମିଛ ମାୟା ଏ ସଂସାର
ସବୁ ଅସାର
ଗଲା ଯାଏଁ ଲାଗିଥିବ
ମିଛ ବେପାର
ଯାହା ଘଟେ ସବୁ ଏଠି
ତୁମ ଭିଆଣ
ମଣିଷ ମାତର କେତେ
ହେ ନାରାୟଣ
ସବୁରି କର୍ତ୍ତା ହୋଇ
ମଉନ ରୂପ ନେଇ
ବସିଛ ବଡ଼ ଦେଉଳେ
ଚକା ଡ଼ୋଳା ମେଲାଇ
କି ଲୀଳା ଲଗାଇଛ ...... ।୨।

## ଆହେ ଜଗନ୍ନାଥ....

ଆହେ ଜଗନ୍ନାଥ........ମୋତେ
ଏତିକି ସୁଦୟା କର
ନିତି ଯେବେ ରାତି ପାହେ
ଦେଖିବି ମୁଖ ତୁମର ... ।୦।

ତୁଣ୍ଡରୁ ମୋ ଝରୁ
ନିତି ତୁମ ନାମ
ମନ ଝୁରୁ ସଦା
ତୁମ ଶ୍ରୀଚରଣ
କାନ ମୋ ପବିତ୍ର
ହେଉ ଶୁଣି ପ୍ରଭୁ
ଭଜନ ଗୀତ ତୁମର .... ।୧।

ମଥା ମୋର ନଇଁ
ରହୁ ତୁମ ପାଦେ
ଇଚ୍ଛା ଲାଗି ରହୁ
ଶ୍ରୀ ମହାପ୍ରସାଦେ
ହାତ ମୋର ଟେକି
ହେଉ ଥାଉ ସଦା
କରିବା ପାଇଁ ଜୁହାର..... ।୨।

ସୁଖେ ବିତୁ ମୋର
ଦିବସ ଶର୍ବରୀ
ସୁବୁଦ୍ଧି ସୁଚିନ୍ତା
ଦିଅ ହୃଦେ ଭରି
ଚିତ୍ତ ମୋ ନିର୍ମଳ
କର ପ୍ରଭୁ ସଦା
କର୍ମେ କର ଆଗୁସାର... ।୩।

## ବହୁତ ଦୂରରୁ

ବହୁତ ଦୂରରୁ ଆସିଛି ଧାଇଁ
ହେ ଜଗତ ସାଇଁ
ତୁମ ଦରଶନ ଟିକେ ପାଇବା ପାଇଁ
ହେ ଜଗତ ଗୋସାଇଁ ...।୦।
ଆସିଛି ମୁଁ ଖାଲି ହାତେ
କିଛି ଆଣି ନାହିଁ ସାଥେ
ଆଣିଛି ବୋହି ଅନେକ
ଦୁଃଖ ଶୋକ କଷ୍ଟ ଯେତେ
ଅଜାଡ଼ି ତୁମ ପାଦରେ
ସବୁ ଅଜାଡ଼ି ତୁମ ପାଦରେ
ଉଶ୍ୱାସ ମନକୁ ଧରି ଯିବି ପଳାଇ
ହେ ଜଗତ ସାଇଁ.... ।୧।
ଆଜି ଯାଏଁ ବୋହିଥିଲି
ଆଉ ସହି ନପାରିଲି
ତୁମକୁ ଭରସା କରି
ଦେବାକୁ ଧାଇଁ ଆସିଲି
ବୟସ ଯାଉଛି ଧାଇଁ
ମୋର ବୟସ ଯାଉଛି ଧାଇଁ
ମରଣ ସୀମା ରେଖାକୁ ଛୁଇଁବା ପାଇଁ
ହେ ଜଗତ ସାଇଁ .... ।୨।
କେତେ ଆଶାକୁ କୋଳେଇ
ଆସିଛି ଦର୍ଶନ ପାଇଁ
ତୁମ ଚକା ଆଖି ଦେଖି
ଆଖିବୁଜି ଦେବି ମୁହିଁ
ଏତିକି ମୋ ନିବେଦନ
ପ୍ରଭୁ ଏତିକି ମୋ ନିବେଦନ
ଦରଶନ ଦିଅ ବାରେ
ଥରକ ପାଇଁ
ହେ ଜଗତ ସାଇଁ ....

# କେତେ ଦିନକୁ

କେତେ ଦିନକୁ
ମୂଢ଼ ମନ କେତେ ଦିନକୁ
ବଡ଼େଇ ତା କେତେ ଦିନକୁ
କୁଆଡ଼େ ନେବୁ ବଡ଼େଇ
ଗଲେ କାଠ ସନ୍ଧିକୁ.... ।୦।
ଏତିକିରେ ଏତେ
କରୁ ଚାତର
ଧରାକୁ ସରା ମଣୁଛୁ
ମୂର୍ଖ ପାମର
ନାନା ରୋଗ ଯେବେ ହେବ
କିଏ ନେବ ତା ଗରବ
କହ ଦେବୁ କାହାକୁ .... ।୧।
ଯାହାକୁ ନେଇ ଏତେ
ଗରବ ତୋର
ସାଇତିବୁ ସବୁ ନେଇ
ମଶାଣି ଘର
ଧୂଆଁ ହୋଇ ଉଡ଼ିଯିବ
ପାଉଁଶ ହୋଇ ପଡ଼ିବ
ତୁ ଧରିବୁ କାହାକୁ ........ ।୨।
ଜାଣି ମୂର୍ଖ ଅବାଟେ
ପାଦ ପକାଉ
କଣ୍ଟା ଫୁଟି ତୋ ପାଦରୁ
ଝରିବ ଲହୁ
ଆଖି ବୁଜି ତୁ ଚାଲିଲେ
ଧରମ ପଥ ହୁଡ଼ିଲେ
ଯିବୁ ତୁ ନରକକୁ ...... ।୪।
ଗରବେ ଅନ୍ଧ ହୋଇ
ଭୁଲି ଯାଉଛୁ
ସହେନା ସେ କା ଗରବ
ନିଜେ ଜାଣିଛୁ
ଦଣ୍ଡିବା ଆଗରୁ ତୋତେ
ଶରଣ ନିଏ ତା ପାଦେ
(ତୋ) ଜନ୍ମ ମୋକ୍ଷ ହେବାକୁ .... ।୪।

## ତୁମରି ଚରଣ ତଳେ

ତୁମରି ଚରଣ ତଳେ ହେ ପ୍ରଭୁ
ତୁମରି ଚରଣ ତଳେ
ପୂଜା ଫୁଲ ନିତି ଯତନେ ସାଇତି
ଅର୍ଘ୍ୟ ବନ୍ଦାପନା ଢ଼ାଳେ
ହେ ପ୍ରବୁ ତୁମରି ଚରଣ ତଳେ ...।୦।

ସମର୍ପି ଦେଇଛି
ମୋର ତନୁ ମନ
ତବ ଶ୍ରୀଚରଣେ
ହେ ଜଗ ମୋହନ
ମାର ଅବା ତାର
ଯା ଇଚ୍ଛା ତୁମର
ମୁଁ ମାତର ମହୀତଳେ ... ।୧।

ଜାଣ ଅଜାଣତେ
ଯଦି କିଛି ଦୋଷ
କରିଥିବି କ୍ଷମା
କର ପୀତ ବାସ
ଜଡ଼ ପିଣ୍ଡେ ମୋର
ଦିଅ ସିଞ୍ଚି ସୁଧା
ପାପ ଧୋଇ ଯାଉ ତିଳେ ... ।୨।

ମାଗୁନି ମୁଁ କିଛି
ଧନକି ଦରବ
ତୁମ କୃପା ହେଉ
ମୋ ଲାଗି ବିଭବ
ହେ ଭକତ ସଖା
ମୁକୁତିର ଟୀକା
ଆଙ୍କିଦିଅ ମୋ କପାଳେ .... ।୩।

ହେ ପ୍ରବୁ
ତୁମରି ଚରଣ ତଳେ ... ।।

# ଅନ୍ଧ ମୁଁ ଆଜି ତୁମରି ସୃଷ୍ଟିରେ

ଅନ୍ଧ ମୁଁ ଆଜି ତୁମରି ସୃଷ୍ଟିରେ
ନିଅ ହେ କଢ଼ାଇ ବାଟ
ଅଜ୍ଞାନ ତମସା ପଟି ମୋ ଆଖିରୁ
ଦିଅ ଖୋଲି ଜଗନ୍ନାଥ ... ।୧।
ଅନ୍ଧ ମୁଁ ଆଜି ...

ଏଡ଼େ ବଡ଼ ଧରା ମୁଁ ଟିକି ମାତର
ଅଜଣା ବାଟେ ପଥିକ
ତୁମ ବାହୁ ଛାୟା ତଳେ ଦେଲେ ଥାନ
ମୋ ଯାତ୍ରା ହେବ ସାର୍ଥକ
ଅନ୍ଧ ମୁଁ ... ।୨।

ମନରେ ସାହାସ ଦେହେ ଦିଅ ବଳ
ଚାଲିବି ବାଟ ଅନେକ
ଚଲା ବାଟେ ମୋର ନଫୁଟାଅ କଣ୍ଟା
ମୋ ଠାରେ ରଖି କପଟ
ଅନ୍ଧ ମୁଁ .... ।୩।

ନ ଦିଅ ଜୀବନେ ନିନ୍ଦା ଅପନିନ୍ଦା
ଚିନ୍ତା ହେଉ ପରହିତ
ଜନମ ଭୂମିର ସେବା ଲାଗି ମନ
ଚିନ୍ତିତ ରହୁ ନିରତ
ଅନ୍ଧ ମୁଁ ... ।୪।

ତୁମରି ସୃଷ୍ଟିର ସୁନ୍ଦର ଉଦ୍ୟାନେ
ମୁଁ ଏକ ଛୋଟ ସନ୍ତକ
କରହେ କଲ୍ୟାଣ ଭରି ଦେଇଯିବି
ସଦୁରି ମନେ ମହକ
ଅନ୍ଧ ମୁଁ ଆଜି .... ।୫।

## କାହିଁକି ଆସିଲୁ ଛାଡ଼ି...

କାହିଁକି ଆସିଲୁ ଛାଡ଼ି ଯମୁନା କୂଳ
କାଳିଆରେ ଯମୁନା କୂଳ
ଲାଗିଲାକି ପିତା ତୋତ ଯମୁନା ଜଳ
ନଦେଲାକି ଛାଇ ତୋତେ କଦମ୍ବ ମୂଳ
କଳିଆରେ........... କାହିଁକି ଆସିଲୁ ...

ରହିଲୁ ସାଗର କୂଳେ
କଳପ ବଟର ମୂଳେ
ମନକି ନବଳେ ଆଉ
ଗୋପ ସର ଲବଣୀରେ
ଶୁଖିଲା ଅଭଡ଼ା ଖାଇ
ପେଟ କି ତୋର ପୁରଇ
ଶୋଷକି ମେଣ୍ଟଇ ପିଇ
ଲୁଣିଆ ଜଳ ?
କାହିଁକି ଆସିଲୁ .... ।୧।

ଭୁଲି ଗୋପ ଦାଣ୍ଡ ଧୂଳି
ରାଧିକା ବରଜ ବାଳୀ
ଶରଧା ବାଲିରେ ଖେଳୁ
ଭାଇଭଗ୍ନି ସାଥେ ମିଳି
ତେଜି ଯଶୋମତୀ ସ୍ନେହ
ସୁଦାମ ସୁବଳ ମୋହ
ଶ୍ରୀକ୍ଷେତ୍ରେ ରହି କହ୍ନାଇ
ହେଲୁକି ଭୋଳ ?
କାହିଁକି .... ।୨।

ଶୁଣି ତୋ ବଣୁ ମୂର୍ଚ୍ଛନା
ତରିଛନ୍ତି ଗୋପାଙ୍ଗନା
ଶ୍ରୀକ୍ଷେତ୍ରେ ବାହୁ ମେଲାଇ
କାହାକୁ ତାରିଛୁ କାହ୍ନା
ସତେକି ପତିତ ପାଇଁ
ପତିତ ବାନା ଉଡ଼ାଇ
ଡ଼ାକୁଛୁ ଭକତ ଆସ
କରିବି କୋଳ
କାହିଁକି ...... ।୩।

ଝୁରୁଛି କଦମ୍ବ ମୂଳ
ଝୁରଇ ଯମୁନା ଜଳ
କାନ୍ଦୁଛି ତୋ ବୃନ୍ଦାବନ
ନଶୁଣି ମୂରଲୀ ସ୍ୱନ
ବାସି ହୁଏ କ୍ଷୀର ସର
ଚାଲ ଫେରି ନଟବର
ମୁଣ୍ଡେ ହାତ ଦେଇ ରାଇ
ହୁଏ ଆକୁଳ .... ।୪।
କାହିଁକି ଆସିଲୁ ........ ।।

## କଳା କାଇଁଚ